ଜରାବାନୁ ଫିରୋଜ ଶାହ ମୁସ

*ବନାମ*

ଆନ୍ଧ୍ର ପ୍ରଦେଶ କେମିଷ୍ଟ ଏବଂ ଡ୍ରଗିଷ୍ଟ ଆସୋସିଏସନ, ହାଇଦ୍ରାବାଦ ଏବଂ ଅନ୍ୟମାନେ

ଅଗଷ୍ଟ 25, 1995

[କେ. ରାମାସ୍ୱାମୀ ଏବଂ ବି. ଏଲ. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]

*ଅପିଲ - ମୁଦ୍ରଣ ତ୍ରୁଟି - ମୁଖ୍ୟ ଅପିଲରେ ଆଦେଶରେ ପରିବର୍ତ୍ତନ*

**ମୁଖ୍ୟ ଅପିଲରେ ପାରିତ ଆଦେଶରେ ପରିବର୍ତ୍ତନ ପାଇଁ ଏକ ଆବେଦନ ଦାଖଲ କରାଯାଇଥିଲା ।**

**ଏହି ଆବେଦନକୁ ଖାରଜ କରି, ଏହି ଅଦାଲତ**

**ନିର୍ଣ୍ଣୟ କରିଥିଲେ: ମୁଖ୍ୟ ଅପିଲରେ ପାରିତ ଆଦେଶରେ କିଛି ମୁଦ୍ରଣ ତ୍ରୁଟି ରହିଥିଲା । ପକ୍ଷମାନଙ୍କ ମଧ୍ୟରେ ଅଧିକ ମକଦ୍ଦମାକୁ ଏଡ଼ାଇବା ପାଇଁ ଏହି ନିର୍ଦ୍ଦେଶ ପ୍ରଦାନ କରାଯାଉଛି ଯେ ଉକ୍ତ ଆଦେଶର ପ୍ରାସଙ୍ଗିକ ଅଂଶକୁ ଏହି ଆବେଦନରେ ପାରିତ ଆଦେଶ ଅନୁଯାୟୀ ପରିବର୍ତ୍ତନ କରାଯିବ । ଆଦେଶର ଅବଶିଷ୍ଟ ଅଂଶ ଯେମିତି ଅଛି ସେମିତି ରହିବ । [94-G; 95-E]**

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 279/1987

ରେ

I.A. ସଂଖ୍ୟା 3 ।

C.C.C.A. ସଂଖ୍ୟା 1/1977ରେ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟର 23.10.86 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପକ୍ଷରୁ ଏସ୍. ଭି. ଦେଶପାଣ୍ଡେ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

14 ସେପ୍ଟେମ୍ବର, 1994 ତାରିଖରେ ଏହି ଅଦାଲତ ମୁଖ୍ୟ ଅପିଲ, ଯଥା C.A. ସଂଖ୍ୟା 279/1987ରେ ଏକ ଆଦେଶ ପାରିତ କରିଥିଲେ । ଯେହେତୁ ଉକ୍ତ ଆଦେଶରେ କିଛି ମୁଦ୍ରଣ

ତ୍ରୁଟି ସୃଷ୍ଟି ହୋଇଥିଲା ଏବଂ ପକ୍ଷମାନଙ୍କ ମଧ୍ୟରେ ଅଧିକ ମକଦ୍ଦମାକୁ ଏଡ଼ାଇବା ପାଇଁ, ଆମେ ଏତତଦ୍ୱାରା ଉକ୍ତ ଆଦେଶର ପ୍ରାସଙ୍ଗିକ ଅଂଶକୁ ପରିବର୍ତ୍ତନ କରିବାକୁ ଏବଂ ନିମ୍ନମତେ ପଠନ କରିବାକୁ ନିର୍ଦ୍ଦେଶ ପ୍ରଦାନ କରୁଛୁ:

"ଦେୱାନୀ ଅପିଲ ସଂଖ୍ୟା 1/77 ରେ A.P. ଉଚ୍ଚ ନ୍ୟାୟାଳୟର ଦୁଇ ଜଣିଆ ବିଚାରପତିଙ୍କ ବିଚାରପୀଠର ରାୟରୁ ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ଉତ୍ପନ୍ନ ହୋଇଛି । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଉତ୍ତରଦାତା-ସଂଘର ଅପିଲକୁ ଅନୁମତି ପ୍ରଦାନ କରାଯାଇଥିଲା । ସଂଖ୍ୟା 5-9-262, ହାଇଦ୍ରାବାଦ ନାମ୍ନୀ ସମ୍ପତ୍ତି ପ୍ରଦାନ କରିବାକୁ ରାଜି ହୋଇଥିବା 26 ଜୁଲାଇ, 1967 ତାରିଖର ଚୁକ୍ତିର ବିନିର୍ଦ୍ଦିଷ୍ଟ ସମ୍ପାଦନ ପାଇଁ ବିଚାରଣ ଅଦାଲତ ସଂଘର ମକଦ୍ଦମାକୁ ଖାରଜ କରିଦେଇଛନ୍ତି । ନିଜେ ଅପିଲକାରୀଙ୍କ ବିବୃତ୍ତିରୁ ଏହା ସ୍ପଷ୍ଟ ଯେ ଏହି ରାଜିନାମା 2,42,000 ଟଙ୍କାର ଥିଲା କିନ୍ତୁ ସେ ଜାଣିବାକୁ ପାଇଲେ ଯେ ରାଜିନାମାରେ ଏହି ମୂଲ୍ୟ 2,10,000 ଟଙ୍କା ଦର୍ଶାଯାଇଛି । ଯେହେତୁ ସେ ଯୁକ୍ତି ବାଢିଥିଲେ ଯେ ଚୁକ୍ତିନାମା ଜାଲିଆତି ଦ୍ୱାରା ଅସିଦ୍ଧ ହୋଇଥିଲା, ଫଳସ୍ୱରୂପ, ସେ 20, 000 ଟଙ୍କା ହରାଇଥିଲେ ଏବଂ ସେଥିପାଇଁ, ଉତ୍ତରଦାତାମାନେ ଠକେଇର ପକ୍ଷ ହୋଇଥିବାରୁ ଏହି ଆଦେଶଗୁଡ଼ିକୁ କାର୍ଯ୍ୟକାରୀ କରାଯାଇପାରିବ ନାହିଁ । ଉକ୍ତ ଯୁକ୍ତିରେ ଆମେ କୌଣସି ସାମର୍ଥ୍ୟ ପାଉନାହୁଁ । ସର୍ବୋପରି ଏହା ଏପରି ମାମଲା ନୁହେଁ ଯେ ସେ ଚୁକ୍ତିକୁ କାର୍ଯ୍ୟକାରୀ କରିବାକୁ ରାଜି ହୋଇନଥିଲେ । ଏହା ମଧ୍ୟ ତାଙ୍କ ମାମଲା ନୁହେଁ ଯେ ସେ ଚୁକ୍ତିର ବିଷୟବସ୍ତୁକୁ ପଢ଼ିନଥିଲେ । ଏହି ପରିସ୍ଥିତିରେ, ଏହା କୁହାଯାଇପାରିବ ନାହିଁ ଯେ ସେ କୌଣସି ଠକେଇର ଶିକାର ହୋଇଛନ୍ତି । ସର୍ବୋପରି ଏହା କୁହାଯାଇପାରିବ ଯେ ଅପିଲକାରୀ ପ୍ରକୃତରେ 2,10,000 ଟଙ୍କାର ବିଚାର ପାଇଁ ରାଜି ହୋଇଥିବା ପକ୍ଷ ନୁହଁନ୍ତି । ଆମେ ଅପିଲକାରୀଙ୍କୁ କେବଳ ତାଙ୍କ ଭାଗର 20,000 ଟଙ୍କା ପର୍ଯ୍ୟନ୍ତ ଲାଭ ପ୍ରଦାନ କରୁଛୁ ଏବଂ ଉତ୍ତରଦାତାମାନଙ୍କୁ 10,000 ଟଙ୍କା ଏବଂ ସୁଧ ବାବଦକୁ ଆହୁରି 20,000 ଟଙ୍କା ପଇଠ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି । ଉଚ୍ଚ ନ୍ୟାୟାଳୟର ଆଦେଶକୁ ତଦନୁସାରେ ଉପରୋକ୍ତ ପରିବର୍ତ୍ତନ ସହିତ ସୁନିଶ୍ଚିତ କରାଯାଇଛି ...... " ।

ଆଦେଶର ଅବଶିଷ୍ଟ ଅଂଶ ଯେମିତି ଅଛି ସେମିତି ରହିବ ।

ଟି. ଏନ୍. ଏ. — ଅପିଲର ଫଏସଲା ହୋଇଛି ।

**ଅସ୍ୱୀକରଣ**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ